## ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ ପଶ୍ଚିମବଙ୍ଗକୁ ଚାଲିଯିବ

ଭୁବନେଶ୍ୱର (ନି.ପ୍ର.)- ଓଡ଼ିଶାରେ ପ୍ରତିଷ୍ଠା ହେବାକୁ ଥିବା ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏସ୍) ଏବେ ପଶ୍ଚିମବଙ୍ଗରେ ପ୍ରତିଷ୍ଠା ହେବ । କେନ୍ଦ୍ରରେ ଥିବା ୟୁପିଏ ସରକାରର ଓଡ଼ିଶା ପ୍ରତି ଏହା ବୈମାତୃକ ମନୋଭାବର ପରିଚାୟକ ଛଡା ଅନ୍ୟ କିଛି ନୁହେଁ । ଆମ ରାଜ୍ୟ ସରକାର ମଧ୍ୟ ଏ ଦିଗରେ ବିଚଳିତ ନୁହନ୍ତି । କେନ୍ଦ୍ରରେ ଏନ୍‌ଡିଏ ସରକାର ଥିବାବେଳେ ଓଡ଼ିଶାରେ ଏକ ଆଇଆଇଏସ୍ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଥିଲା । ତତ୍‌କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ମୂରଲି ମନୋହର ଜୋଷୀ ଏ ସଂପର୍କରେ ମଧ୍ୟ ରାଜ୍ୟ ସରକାରଙ୍କୁ ଚିଠି ଲେଖି ସ୍ପଷ୍ଟ କରିଥିଲେ । ପ୍ରାୟ ୫୦ କୋଟି ଟଙ୍କା ବିନିମୟରେ ଏହି ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇଥାନ୍ତା । ରାଜ୍ୟ ସରକାର ମଧ୍ୟ ଏହି ପ୍ରତିଷ୍ଠାନ ପାଇଁ ଚନ୍ଦକା ନିକଟସ୍ଥ କୁଣ୍ଡେଇପୁରଠାରେ ୭୫ ଏକର ଜାଗା ଯୋଗାଇ ଦେଇ ଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ସେଠାରେ କାମ ଆରମ୍ଭ ହେବା କଥା । କିନ୍ତୁ ୟୁପିଏ ସରକାର ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରି ସେହି ପ୍ରତିଷ୍ଠାନ ଓଡ଼ିଶାରେ ନକରି ପଶ୍ଚିମବଙ୍ଗରେ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ରରେ ବାମପନ୍ଥୀ ଦଳ ସରକାରଙ୍କୁ ସମର୍ଥନ ଦେଇଥିବାରୁ ତାହା ପଶ୍ଚମବଙ୍ଗ ପ୍ରତି କେନ୍ଦ୍ରର ଦାନ ବୋଲି କୁହାଯାଉଛି । କିନ୍ତୁ ୟୁପିଏ ସରକାର ଓଡ଼ିଶାରେ ଏହି କେନ୍ଦ୍ର ପ୍ରତିଷ୍ଠା ନିଷ୍ପତ୍ତିରୁ କାହିଁକି ଓହରି ଗଲେ ତା'ର ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି । କେବଳ ଏହି ପ୍ରତିଷ୍ଠାନ ଓଡ଼ିଶାରେ କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କୁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି । ହେଲେ ଓଡ଼ିଶା ସରକାର ଏଥିରେ କିଛି ପ୍ରତିକ୍ରିୟା ଜଣାଇ ନାହାନ୍ତି । ମୁଖ୍ୟମନ୍ତ୍ରୀ ଏ ସଂପର୍କରେ କେନ୍ଦ୍ରକୁ ଚିଠି ଲେଖିବେ ବୋଲି କୁହାଯାଉଛି । ତେବେ ଓଡ଼ିଶା ପ୍ରତି କେନ୍ଦ୍ରର ଥିବା ବୈମାତୃକ ମନୋଭାବର ଏହା ଏକ ନମୁନା ବୋଲି ଆଲୋଚନା ହେଉଛି ।












The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)